# ସେବକମାନଙ୍କର ସ୍ଥାପନ କରାଯିବା

ଏବଂ, ତାହା ହେଉଛି, ଯେ ପ୍ରଥମଟି ହେଉଛି କେତେକ ଦୀକନ ସେବକମାନଙ୍କୁ ମଣ୍ଡଳୀରେ ସ୍ଥାପନ କରିବା। ଏବଂ ଏଠାରେ ଆମର ଛୋଟ ମଣ୍ଡଳୀଟି ସାର୍ବଭୌମ ଅଟେ। ଏହାର କୌଣସି ନାମଧାରୀ ସଂଗଠନ କିମ୍ବା ଅନ୍ୟ କିଛି ନାହିଁ ଯେ ଦୀକନମାନଙ୍କୁ ପଠାଏ, ଏହା ତାର ନିଜସ୍ୱ ଦୀକନମାନଙ୍କୁ ଚୟନ କରିଥାଏ। ଏହା ତାର ନିଜସ୍ୱ ପାଳକଙ୍କୁ ଚୟନ କରିଥାଏ, ଏହା ତାର ନିଜର ଟ୍ରଷ୍ଟିମାନଙ୍କୁ ଚୟନ କରିଥାଏ, ଏହା ତାର ସମସ୍ତ ଜିନିଷକୁ ଚୟନ କରିଥାଏ ଯାହା ମଣ୍ଡଳୀ ଭିତରକୁ ଏବଂ ବାହାରକୁ ଆସୁଥାଏ। କୌଣସି ଜଣେ ବ୍ୟକ୍ତିଙ୍କ ପାଖରେ କିଛି ବି ବିଷୟ ଉପରେ ଟୀକା-ଟିପ୍ପଣୀ କରିବାର ଅଧିକାର ନାହିଁ, ଏହା ତ ମଣ୍ଡଳୀ ଅଟେ। ଏବଂ ମଣ୍ଡଳୀ ହେଉଛନ୍ତି ସେମାନେ ଯେଉଁମାନେକି ଆସନ୍ତି ଏବଂ ସେମାନଙ୍କର ଉପସ୍ଥିତି, ସେମାନଙ୍କର ଦଶମାଂଶ ଏବଂ ନୈବେଦ୍ୟ ଦ୍ୱାରା ମଣ୍ଡଳୀକୁ ସମର୍ଥନ କରନ୍ତି, ସର୍ବଦା ସେହିମାନେ ହିଁ ଅଟନ୍ତି ଯେଉଁମାନଙ୍କ ପାଖରେକି ଏହି ଭଳି ବ୍ୟକ୍ତିଙ୍କର ସ୍ଥାପିତ କରାଯିବାରେ କିଛି-କଥା କହିବାର ଆଇନଗତ ଅଧିକାର ଅଛି।

2 ଏବଂ ମୁଁ ଅତୀତର ଦୀକନ୍ ବୋର୍ଡକୁ ଧନ୍ୟବାଦ ଦେବାକୁ ଚାହେଁ, ଏବଂ ମୁଁ ଏଠାରୁ ତାହା ସମସ୍ତ ମଣ୍ଡଳୀ ପାଇଁ କହୁଅଛି। ଯଦି ସେହି ଭାଇମାନଙ୍କ ମଧ୍ୟରୁ କେହି ଏଠାରେ ଅଛନ୍ତି, ଯାହାକି ଭାଇ କକ୍ସ, ଭାଇ ଫ୍ଲିମାନ, ଏବଂ ଭାଇ ହିଗିନବୋଥମ୍ ଏବଂ ଭାଇ ଡେଇଜମ୍ୟାନ୍ ଥିଲେ, ସେମାନେ ଏହି ଆରାଧନାଳୟରେ, ଆମକୁ, ପ୍ରଭୁଙ୍କୁ ଏକ ଉତ୍ତମ ସେବା ଦେଇଅଛନ୍ତି।

3 ଏବଂ ପ୍ରତ୍ୟେକ ଥର ବାରମ୍ବାର, ମଣ୍ଡଳୀର ନିୟମାବଳୀ ଅନୁଯାୟୀ, ପ୍ରତି ବର୍ଷ, ଦୀକନ କିମ୍ବା ଟ୍ରଷ୍ଟିମାନେ ସ୍ୱୟଂଚାଳିତ ଭାବରେ ସେମାନଙ୍କର ସମୟକୁ ପୂରଣ କରନ୍ତି। ଏବଂ ଯଦି ସେମାନେ ଫେରି ଆସିବାକୁ ଚାହାଁନ୍ତି, ତାହାହେଲେ ଠିକ୍ ଅଛି। ଯଦି ସେମାନେ ଫେରି ଆସିବାକୁ ନ ଚାହାଁନ୍ତି, ତେବେ ସେମାନେ ନିଜ ସ୍ଥାନରେ କେତେକଙ୍କୁ ସ୍ଥାପନ କରିପାରନ୍ତି, ଯେ ଏହି ବୋର୍ଡଟି ଇସ୍ତଫା ଦେଇଅଛି।

4 ଏବଂ ଅନ୍ୟ ରାତିରେ ମୁଁ ଟ୍ରଷ୍ଟି ବୋର୍ଡକୁ ଆହ୍ୱାନ କଲି, ଯେଉଁଠାରେକି ସେମାନଙ୍କର ଏକ ନୂତନ ଟ୍ରଷ୍ଟି ବୋର୍ଡ ରହିଛି। ମୁଁ ଆଜି ରାତି ଏଠାରେ ଭାଇ ଲୁଥର୍ ମ୍ୟାକଡୋୱେଲଙ୍କୁ ଲକ୍ଷ୍ୟ କଲି, ଆମେ ତାଙ୍କୁ ଏଠାରେ ଦେଖି ଖୁସି ଅଟୁ, ଯିଏକି ପୂର୍ବରୁ ଟ୍ରଷ୍ଟି ବୋର୍ଡରେ ଥିଲେ। ଏହି ସପ୍ତାହ ମୁଁ ଏହା ଖୋଜିବା ପାଇଁ ଏବଂ ତାହାର ଏକ ପ୍ରତିଲିପି ତିଆରି ହେବ କି ନାହିଁ ତାହା ଜାଣିବା ପାଇଁ ଗଲି, ଯାହାକି ମଣ୍ଡଳୀକୁ ମଧ୍ୟ, ଉପସ୍ଥାପିତ କରାଯିବ। ଯେ ବର୍ତ୍ତମାନ ମଣ୍ଡଳୀର ଟ୍ରଷ୍ଟିମାନେ ହେଉଛନ୍ତି ଭାଇ ୱିଲିୟମ୍ ମୋର୍ଗାନ୍, ଭାଇ ମାଇକ୍ ଏଗାନ୍, ଏବଂ ଭାଇ

ବ୍ୟାଙ୍କ୍ସ ଉଡ, ଏବଂ ଭାଇ ରୟ ରୋବର୍ସନ୍ । ସେମାନେ ସମସ୍ତେ ଏହି ସହରର ଅଟନ୍ତି, କେବଳ ଭାଇ ରୋବର୍ସନଙ୍କ ବ୍ୟତୀତ ଯିଏକି ସେହି ଦୁଇ ସହର ମଧ୍ୟରେ ରୁହନ୍ତି । ସଦାପ୍ରଭୁ ସେହି ବ୍ୟକ୍ତିମାନଙ୍କ ମଧ୍ୟରେ ଉପଯୁକ୍ତ ଦେଖିଛନ୍ତି, ଏବଂ ସେମାନେ ସମ୍ମାନଜନକ ବ୍ୟକ୍ତି ଅଟନ୍ତି, ଏବଂ ସେମାନେ ବର୍ତ୍ତମାନ ଏହି ମଣ୍ଡଳୀର ଟ୍ରଷ୍ଟି ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି ।

5 ଏବଂ ତାହାପରେ ଯେତେବେଳେ ଏହି ବୈଠକ ଚାଲିଥିଲା, ଏବଂ ସହକାରୀ ପାଳକଙ୍କ ଦ୍ୱାରା କୁହାଗଲା ଯେ ଆମେ, ଏକ ନୂତନ ଦୀକନ୍ ବୋର୍ଡ ଚୟନ କରିବା ବିଷୟକୁ ନେଇ, ଯେ ଏମାନେ ସେମାନଙ୍କର ସମୟ ସମାପ୍ତ କରିଛନ୍ତି ଏବଂ—ଏବଂ ଇସ୍ତଫା ଦେଇଛନ୍ତି, ତେବେ ଏହା ଆଉ କେତେକ୍ ଦୀକନ୍ ବାଛିବାର ସମୟ ଅଟେ । ତେବେ, ସେହି ମଣ୍ଡଳୀ…ଏହା ଯେଉଁ ପ୍ରକାରେ କରାଯାଏ, ତାହା ହେଉଛି, ସେହି ବୋର୍ଡ ଦୀକନ୍‌ମାନଙ୍କୁ ନିଯୁକ୍ତ କରିପାରନ୍ତି, ଏପରି ପୁରୁଷମାନ ଯାହାଙ୍କ ସହିତ ସେମାନେ ଜଡିତ ରହିଛନ୍ତି ଏବଂ ସେମାନଙ୍କୁ ସମ୍ମାନଜନକ ଏବଂ ନ୍ୟାୟବାନ ପୁରୁଷ ଭାବରେ ପାଇଛନ୍ତି ।

6 ଜଣେ ଦୀକନ୍‌ର କାର୍ଯ୍ୟାଳୟ ଅତ୍ୟନ୍ତ ଏକ ମହାନ୍ କାର୍ଯ୍ୟାଳୟ ଅଟେ, ଏବଂ ମଣ୍ଡଳୀରେ ଜଣେ ଦୀକନ୍ ହେବା ପ୍ରଭୁଙ୍କ ପାଇଁ ଏକ ମହାନ୍ ଗୌରବର ବିଷୟ ଅଟେ । ତେଣୁକରି, ଅନ୍ୟ ରାତି ସେହି ବୈଠକରେ, ମୋ ନିକଟକୁ କେତେକ ଲୋକମାନଙ୍କୁ ଡକା ଯାଇଥିଲା । ଏବଂ ପାଳକଙ୍କ ସହିତ ସାକ୍ଷାତ କରିବାବେଳେ, ସେହି ନିମ୍ନଲିଖିତ…ଏହି ଗତ ଶୁକ୍ରବାର, ଯାହାକି ଏହି ବ୍ୟକ୍ତିଙ୍କ ଦ୍ୱାରା ସହମତି ପ୍ରଦାନ କରା ଯାଇଥିଲା ଯେ ଏମାନେ ସମ୍ମାନଜନକ ଏବଂ ନ୍ୟାୟବାନ ବ୍ୟକ୍ତି ଅଟନ୍ତି ।

7 ଜଣେ ଯୁବା ଲୋକ ଯାହାକୁ ସେମାନେ ପାଇଥିଲେ, ଅବିକଳ ଭବରେ ଯୋଗ୍ୟ ନ ଥିଲେ (ଏହି କାରଣରୁ ନୁହେଁ ଯେ ସେ ଠିକ୍ ପ୍ରକାରର ବ୍ୟକ୍ତି ନ ଥିଲେ), ଯାହାଙ୍କର ନାମ ଆମ ଟ୍ରଷ୍ଟି ବୋର୍ଡର ଜଣେ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଦ୍ୱାରା ପରାମର୍ଶ ଦିଆଯାଇଥିଲା । ମାତ୍ର ଯେତେବେଳେ ପାଳକ ଏବଂ ମୁଁ ଏକାଠି ଆସିଲୁ, ଏବଂ ମୁଁ ସେହି ଯୁବା ଲୋକର ବୟସ ପଚାରିଲି, ସେ ତାଙ୍କର ଆରମ୍ଭିକ କୋଡ଼ିଏ ବର୍ଷର ପାଖାପାଖୀ ଥିଲେ । ସମ୍ମାନଜନକ, ନ୍ୟାୟବାନ, ଏବଂ ଜଣେ ପ୍ରକୃତ ପୁରୁଷ, ମାତ୍ର ଏହା ଜାଣିବାକୁ ପାଇଲି ଯେ ସେ ଅବିବାହିତ ବ୍ୟକ୍ତି ଥିଲେ । ବାଇବଲ୍ ଜଣେ ଦୀକନକୁ ଏକ ବିବାହିତ ପୁରୁଷ ହେଉ ବୋଲି ଆବଶ୍ୟକ କରେ । ସେ ନିଶ୍ଚିତରେ ଗୋଟିଏ ପତ୍ନୀର ସ୍ୱାମୀ ହେବା ଉଚିତ୍ ।

8 ଆଉ ତାହାପରେ ଅନ୍ୟ ଜଣେ ବ୍ୟକ୍ତି ଯିଏକି ଅତି ସମ୍ମାନଜନକ ବ୍ୟକ୍ତି ଥିଲେ, ସେହି କାର୍ଯ୍ୟ ପାଇଁ ବହୁତ ଯୋଗ୍ୟ ଏବଂ ଜଣେ ବିଶ୍ୱସ୍ତ ବ୍ୟକ୍ତି ଭାବରେ କାର୍ଯ୍ୟକ୍ଷମ ହୋଇଥାନ୍ତେ, ଯେପରିକି ଜଣେ ଭାଇ ତାଙ୍କ ନାମ ସୁପାରିଶ କରିଥିଲେ । ତାହାପରେ ସେହି ମାମଲାର ଅନୁସନ୍ଧାନ କଲା ପରେ, ଯେ ସେହି ଭାଇ ଅଳ୍ପ ସମୟ ହୋଇଛି ଏହି ବିଶ୍ୱାସମତକୁ ଆସିଛନ୍ତି, ତାଙ୍କ ପତ୍ନୀ ଏଥିରେ ବିଶ୍ୱାସ କରନ୍ତି ନାହିଁ । ତେବେ ତାହା ସେହି ବ୍ୟକ୍ତିଙ୍କୁ ସେହି କାର୍ଯ୍ୟାଳୟରେ ରହିବା ନିମନ୍ତେ ଅଯୋଗ୍ୟ କରିଥିଲା । କାରଣ ତାଙ୍କର ସମସ୍ତ ପରିବାର ଅଧୀନତାରେ

ରହିବା ଆବଶ୍ୟକ, ସେମାନେ ମଧ୍ୟ ବିଶ୍ଵାସରେ ରହିବା ଆବଶ୍ୟକ, କାରଣ ଏହା ଏକ ବିବାଦ ହୋଇଯିବ।

9 ଏବଂ ଆମେମାନେ ବର୍ତ୍ତମାନ ନିର୍ମାଣ କରୁଅଛୁ, ଏବଂ ଆମେ ଏହି ମଣ୍ଡଳୀରେ ସ୍ଥାପନ କରିବାକୁ ଇଚ୍ଛା କରୁଛୁ। ଏବଂ ମଣ୍ଡଳୀର ସାଧାରଣ ପର୍ଯ୍ୟବେକ୍ଷକ ଭାବରେ, ମୋତେ ନିଶ୍ଚିତ ଦେଖିବାକୁ ଅଛି ଯେ ଏହାକୁ ଶାସ୍ତ୍ର ଅନୁଯାୟୀ, ପାଳନ କରାଯାଏ, ସମସ୍ତ କିଛି ବିଷୟକୁ ବାକ୍ୟ ଉପରେ ରଖାଯାଏ।

10 ଏବଂ ତେଣୁକରି ଅତଏବ, ତେବେ, ଏହା ବୋର୍ଡ ଏବଂ ପାଳକ, ଏବଂ ପର୍ଯ୍ୟବେକ୍ଷକଙ୍କ ଦୃଷ୍ଟିରେ ଅନୁଗ୍ରହ ପ୍ରାପ୍ତ ହୋଇଅଛି, ଯେ ଲୋକମାନଙ୍କର ଏହି ଗୋଷ୍ଠୀରେ ଏପରି ଲୋକମାନଙ୍କୁ ଚୟନ କରାଯାଏ ଯାହାଙ୍କୁ ଆମେ ସମ୍ମାନଜନକ ଏବଂ ନ୍ୟାୟବାନ ବୋଲି ମନେ କରୁ। ଆମେ କେବଳ ସେମାନଙ୍କୁ ଆଣିପାରୁ। ଏବଂ ତାହାପରେ, ଏହା ଯେ, ସେମାନେ ମଣ୍ଡଳୀ ଦ୍ଵାରା, ସେମାନଙ୍କର ନିଜର ମତଦାନ ଦ୍ଵାରା ନିଯୁକ୍ତ କରା ହୋଇଥାନ୍ତି। ଏବଂ ତାହାପରେ ଏହି ବ୍ୟକ୍ତିମାନେ ସେବା କରିବେ, ଯଦି ସେମାନେ ଅନୁଭବ କରନ୍ତି ଯେ ସେମାନେ ଏହି କାର୍ଯ୍ୟାଳୟକୁ ଗ୍ରହଣ କରିବେ। ତାହାପରେ ସେମାନେ ଅଳ୍ପ ସମୟ ପାଇଁ ଆସିବେ, ଏହା ଦେଖିବା ହେତୁ ଯେ ଯଦି ସେମାନେ ଏହା ଅନୁଭବ କରନ୍ତି ଯେ ବୋଧହୁଏ ପରମେଶ୍ଵର ସେମାନଙ୍କୁ ଆହ୍ଵାନ କରିଛନ୍ତି। ଏବଂ ଯଦି ପରେ, ଯଦି ସେମାନେ ଅନୁଭବ କରନ୍ତି ଯେ ସେମାନେ ଅଯୋଗ୍ୟ ଅଟନ୍ତି, ତେବେ, ସେମାନଙ୍କ ପାଖରେ ଏହା ଅଧିକାର ରହିଛି ଯେ ପରବର୍ତ୍ତୀ କିଛି ସପ୍ତାହ ମଧ୍ୟରେ ସେମାନେ ଇସ୍ତଫା ଦେଇ ପାରନ୍ତି, ଯେପରିକି ସେମାନଙ୍କ ସ୍ଥାନରେ ଅନ୍ୟ କାହାରିକୁ ନିଯୁକ୍ତ କରାଯାଇପାରିବ।

11 ତଥାପି, ଉଦ୍ଦୀପନା ସଭାର ଆରମ୍ଭରେ ଯାହାକି (ଯଦି ପରମେଶ୍ଵର ଇଚ୍ଛା କରନ୍ତି) ମୁଁ କିଛି ବିଶ୍ରାମ ପାଇସାରିବା ମାତ୍ରେ ଏଠାରେ ଏହି ଆରାଧନାଳୟରେ ତାହା ଆୟୋଜନ କରିବାକୁ ଚାହେଁ, ତାହାପରେ ମୁଁ—ତାହାପରେ ମୁଁ...ଆମେ ଏହି ମଣ୍ଡଳୀରେ ଏହି ଦୀକନମାନଙ୍କୁ ହସ୍ତାର୍ପଣ କରିବା ଦ୍ଵାରା, ଦୀକନ୍ ଏବଂ କୋଷାଧ୍ୟକ୍ଷଙ୍କୁ ନିଯୁକ୍ତ କରିବା। ମାତ୍ର ପ୍ରଥମେ ସେମାନଙ୍କୁ ନିଯୁକ୍ତ କରାଯିବାକୁ ଅଛି ଏବଂ—ଏବଂ ଏହା ଦେଖାଯିବାକୁ ଅଛି ଯେ ସେମାନେ ଏହାକୁ କିପରି ପସନ୍ଦ କରନ୍ତି ଏବଂ ମଣ୍ଡଳୀ ଏହାକୁ କିପରି ପସନ୍ଦ କରେ। ତାହାପରେ ଯଦି ଏହା—ତାହାପରେ ଯଦି ଏହା ଉଭୟ ପାର୍ଶ୍ଵକୁ ଠିକ୍ ଲାଗେ, ତାହାହେଲେ ଆମେ ଏହି ପୁରୁଷମାନଙ୍କୁ ଦୀକନ୍ ଭାବରେ ନିଯୁକ୍ତ କରିବା, ଠିକ ସେହିପରି ଟ୍ରଷ୍ଟିମାନେ ମଧ୍ୟ ସମାନ ଭାବରେ ନିର୍ବାଚିତ କରା ହୁଅନ୍ତି।

12 ଏହା ପରମେଶ୍ଵରଙ୍କ ବାକ୍ୟ ଦ୍ଵାରା, ସେହି ମଣ୍ଡଳୀର ସାର୍ବଭୌମତ୍ଵ ଏବଂ ନିୟମ ଅଟେ। ଅତଏବ, ତାହା, ସେମାନେ କେବଳ ତାହା କହିପାରନ୍ତି ନାହିଁ ଯେ "ମୁଁ ଭାବୁଛି ଏହି ବ୍ୟକ୍ତି ଜଣେ ସଠିକ୍ ବ୍ୟକ୍ତି ହେବେ," ତାହା ଏହା ନୁହେଁ, "ଭାଇ ନେଭିଲ୍ ଭାବନ୍ତି ଯେ ଏହି ବ୍ୟକ୍ତି ଜଣେ ସଠିକ୍ ବ୍ୟକ୍ତି ହେବେ," କିମ୍ବା "ଟ୍ରଷ୍ଟି ବୋର୍ଡ ଭାବନ୍ତି ଯେ ଏହି ବ୍ୟକ୍ତି ଜଣେ ସଠିକ୍ ବ୍ୟକ୍ତି ହେବେ।" ଏହା

ତ ମଣ୍ଡଳୀ ଦ୍ୱାରା ହେବା ଆବଶ୍ୟକ ଅଟେ! ଏଠାରେ କେହି ବି ନିଜ ନିଜ ଭିତରେ କିଛି ହେଲେ କରନ୍ତି ନାହିଁ। ଏହା ତ ମଣ୍ଡଳୀର ମତଦାନ ଅଟେ। ଏହା ଏକ ସାର୍ବଭୌମ ମଣ୍ଡଳୀ ଅଟେ।

13 ସେହି ପୁରୁଣା ନିୟମାବଳୀଗୁଡିକ 1937 ବନ୍ୟାରେ ନଷ୍ଟ ହୋଇଯାଇଥିଲା। ଆମେ ସେଗୁଡିକୁ ପୁନଃଉଦ୍ଧାର କରିଅଛୁ, ଏବଂ ଶୀଘ୍ର ଏଠାରେ କାନ୍ଥରେ ଟାଙ୍ଗି ଦିଆଯିବ, ଟ୍ରଷ୍ଟି, ଦୀକନ୍, କୋଷାଧ୍ୟକ୍ଷ, ଏବଂ ଅନ୍ୟାନ୍ୟ ସବୁ, ପାଳକ, ସହଯୋଗୀ, ଏବଂ ଇତ୍ୟାଦିମାନଙ୍କର କର୍ତ୍ତବ୍ୟମାନ।

14 ପରମେଶ୍ୱରଙ୍କ ଅନୁଗ୍ରହରେ, ଏହା ମୋତେ କୁହାଯାଇଅଛି, ଏବଂ ଏହି ମଣ୍ଡଳୀର ବୋର୍ଡ ଜରିଆରେ ଶତ ପ୍ରତିଶତ ଭୋଟ୍ ଦ୍ୱାରା, ଯେ ସେମାନେ ଭାଇ ହୋଲିନ୍ ହିକର୍ସନ୍‌ଙ୍କୁ ଜଣେ ନ୍ୟାୟବାନ, ସମ୍ମାନଜନକ ବ୍ୟକ୍ତି ଭାବରେ, ପୁଣି ଏହି ଉକ୍ତ ଆରାଧନାଳୟର ଦୀକନ୍ ହେବାର ସେହି—ସେହି ଗୌରବମୟ ପଦକୁ ଗ୍ରହଣ କରିବା ନିମନ୍ତେ ଏହି ଧାଡିରେ ରହିଥିବାର ପାଇଛନ୍ତି।

15 ଆହୁରି ମଧ୍ୟ, ଆମେମାନେ ପାଇଅଛୁ, ଏବଂ ବୋର୍ଡର ମତଦାନ ଦ୍ୱାରା, ଯେ ଭାଇ କଲିନ୍ସ ମଧ୍ୟ ଜଣେ ସମ୍ମାନଜନକ ଏବଂ ନ୍ୟାୟବାନ ବ୍ୟକ୍ତି ଭାବରେ ଅଟନ୍ତି। ନିଜେ, ଜଣେ ସେବକ ହୋଇଥିବା ହେତୁରୁ, ତେଣୁ ଆମେ ତାଙ୍କୁ ନିବେଦନ କରୁଛୁ ଯେ ସେ ଆସନ୍ତୁ ଏବଂ ମଣ୍ଡଳୀର ଜଣେ—ଜଣେ ଦୀକନ୍ ହେଉନ୍ତୁ; ଏବଂ କେବଳ ଦୀକନ୍ ନୁହେଁ, ବରଂ ଭାଇ ନେଭିଲ୍‌ଙ୍କର ଜଣେ ସହଯୋଗୀ ହେଉନ୍ତୁ, ଏବଂ ସମ୍ଭବତଃ ରବିବାର ଶ୍ରେଣୀର ଶିକ୍ଷା ନେବା ପାଇଁ, କିମ୍ବା ଭାଇ ନେଭିଲ୍‌ଙ୍କର ସ୍ଥାନକୁ ଗ୍ରହଣ କରିବା ପାଇଁ, କିଅବା ଭାଇ ନେଭିଲ୍‌ଙ୍କ ସହଯୋଗୀ ହେବା ପାଇଁ ତାଙ୍କୁ ଯାହା କିଛି ନିମନ୍ତେ ଡକାଯାଏ। ତାହା ହେଉଛନ୍ତି ଭାଇ କଲିନ୍ସ।

16 ଏବଂ, ଆହୁରି ମଧ୍ୟ, ମଣ୍ଡଳୀର ଅନୁଗ୍ରହ ଦୃଷ୍ଟିରେ, ଭାଇ ଟନି ଜାବେଲ୍‌ଙ୍କୁ, ଜଣେ ସମ୍ମାନନୀୟ ଏବଂ ନ୍ୟାୟବାନ ବ୍ୟକ୍ତି, ଭାବରେ ପାଇଅଛି, ଏବଂ ସେ ଟ୍ରଷ୍ଟି ବୋର୍ଡ ଓ ପାଳକମାନଙ୍କ ଆଗରେ ଅନୁଗ୍ରହ ପାଇଛନ୍ତି, ଯେ ତାଙ୍କୁ ଏହି ଉକ୍ତ ଆରାଧନାଳୟରେ ଦୀକନ୍‌ର କାର୍ଯ୍ୟାଳୟକୁ ଗ୍ରହଣ କରିବାକୁ କୁହାଯାଏ।

17 ଏବଂ ଏହା ମଧ୍ୟ ପଚରାଯାଇଅଛି, ଏବଂ ଆମ ମଧ୍ୟରେ ଜଣେ ସମ୍ମାନିତ ବ୍ୟକ୍ତି ବୋଲି ଗଣିତ ହୋଇଅଛନ୍ତି...(ଏହା ନୁହେଁ...ତେବେ, ଏମାନେ ହିଁ କେବଳ ମାତ୍ର ସମ୍ମାନଜନକ ବ୍ୟକ୍ତି ନୁହଁନ୍ତି, ମାତ୍ର ବୋର୍ଡ ଦ୍ୱାରା ଠିକ ମନୋନୀତ ହୋଇଛନ୍ତି।) ହେନ୍‌ରିଭିଲ୍, କିମ୍ବା ମେମ୍ଫିସ୍‌ରୁ ଭାଇ ଟେଲର, ମୁଁ ବିଶ୍ୱାସ କରେ ଯେ ଏହା ମେମ୍ଫିସ୍, ଇଣ୍ଡିୟାନା ଅଟେ। ସେ ଆମ ସହିତରେ କିଛି ସମୟ ହେବ ରହିଛନ୍ତି, କର୍ମକର୍ତ୍ତା ଭାବରେ କାର୍ଯ୍ୟ କରିଛନ୍ତି ଏବଂ ଯାହାକିଛି ବି ହୋଇପାରେ। ଏହା ଯେ ମଣ୍ଡଳୀ ଦୃଷ୍ଟିରେ ସେ ଅନୁଗ୍ରହ ପାଇଛନ୍ତି, କିମ୍ବା ବୋର୍ଡ ଏବଂ ପାଳକମାନଙ୍କ ଦୃଷ୍ଟିରେ, ଯେ ସେ ଏହି ଉକ୍ତ ଆରାଧନଳୟର ଦୀକନ୍ ହେବାର ସେହି—ସେହି ମହାନ କାର୍ଯ୍ୟାଳୟକୁ ଗ୍ରହଣ କରନ୍ତୁ।

18 ଏବଂ ଏହା ମଧ୍ୟ କୁହାଯାଇଅଛି ଯେ ଭାଇ ମାଇକ ଏଗାନ୍‌ଙ୍କ ଜ୍ବାଇଁ ଭାଇ—ଭାଇ ବବ୍ ହାର୍ନେଡଙ୍କୁ, ବୋର୍ଡ ଏବଂ ପାଳକମାନଙ୍କ ଦ୍ଵାରା, ଏହି ଉକ୍ତ ଆରାଧନାଳୟର କୋଷାଧ୍ୟକ୍ଷ ହେବାର କାର୍ଯ୍ୟାଳୟକୁ ଗ୍ରହଣ କରିବା ହେତୁ ମନୋନୀତ କରାଯାଇଅଛି, ଯାହାକି ଏକ ସମ୍ମାନଜନକ କାର୍ଯ୍ୟ ଅଟେ, ଏବଂ ଏହା ନ୍ୟାୟ ଏବଂ ସମ୍ମାନ ଆବଶ୍ୟକ କରେ ।

19 ଏହା କରିବାରେ, ମୁଁ ଭାବୁଛି, ମୋର ଭାଇମାନେ, ଯେ ଆପଣଙ୍କୁ ଏଠାରୁ ଆହ୍ଵାନ କରିବା, ଏହା ଆପଣମାନଙ୍କ ପାଇଁ ଏକ ମହାନ୍ ଗୌରବର ବିଷୟ ହେବ । ଏବଂ କେବଳ ସେତିକି ନୁହେଁ, ବରଂ କିଛି କାର୍ଯ୍ୟ ମଧ୍ୟ କରିବାକୁ ହେବ ।

20 ଏହି ସମୟରେ ମୁଁ ଚାହିଁବି ଯେ ଭାଇ ନେଭିଲ୍, ଆମର ସହଯୋଗୀ, ଦୀକନ୍‌ର ଆବଶ୍ୟକତାଗୁଡ଼ିକୁ ପାଠ କରି ଦିଅନ୍ତୁ । ଭାଇ ନେଭିଲ୍, ଯଦି ଆପଣ ଏହାକୁ ପରମେଶ୍ଵରଙ୍କ ବାକ୍ୟରୁ ପାଠ କରିବେ । [ଭାଇ ନେଭିଲ୍ ପ୍ରଥମ ତୀମଥି ୩:୫-୧୩ ପାଠ କରନ୍ତି—ସମ୍ପା ।]

*[ସେହିପ୍ରକାରେ ସେବକମାନଙ୍କର ଶୁଦ୍ଧ ବିବେକରେ ବିଶ୍ଵାସର ନିଗୂଢ଼ତତ୍ତ୍ଵ ଅବଲମ୍ବନ କରି, ଗମ୍ଭୀର, ଛଳନାରହିତ, ମଦ୍ୟପାନରେ ଅନାସକ୍ତ;]*

*[ଓ କୁତ୍ସିତ ଧନଲୋଭରେ ନିର୍ଲୋଭ ହେବା ଆବଶ୍ୟକ ।]*

*[ସେମାନେ ମଧ୍ୟ ପ୍ରଥମେ ପରୀକ୍ଷିତ ହେଉନ୍ତୁ; ପୁଣି ନିର୍ଦୋଷ ଦେଖାଗଲେ, ସେବକ ପଦରେ ନିଯୁକ୍ତ ହେଉନ୍ତୁ ।]*

*[ସେହି ପ୍ରକାରେ ସ୍ତ୍ରୀମାନଙ୍କର ମଧ୍ୟ, ପରନିନ୍ଦାକାରିଣୀ ନ ହେଉନ୍ତୁ, ମିତାଚାରିଣୀ, ଓ ସମସ୍ତ ବିଷୟରେ ବିଶ୍ଵସ୍ତା ହେବା ଆବଶ୍ୟକ ।]*

*[ସେବକମାନେ ଏକ ଏକ ସ୍ତ୍ରୀର ସ୍ଵାମୀ ହେଉନ୍ତୁ, ପୁଣି ଆପଣା ଆପଣା ସନ୍ତାନମାନଙ୍କୁ ଓ ପରିବାରକୁ ଉତ୍ତମରୂପେ ଶାସନ କରନ୍ତୁ ।]*

*[କାରଣ ଯେଉଁମାନେ ଉତ୍ତମରୂପେ ସେବକକର୍ମ କରିଅଛନ୍ତି, ସେମାନେ ଆପଣା ଆପଣା ନିମନ୍ତେ ସୁଖ୍ୟାତି, ଓ ଖ୍ରୀଷ୍ଟ ଯୀଶୁଙ୍କଠାରେ ବିଶ୍ଵାସମୂଳକ ବିପୁଳ ସାହସ ଲାଭ କରିବେ ।]*

21 ଆମେନ୍ । ମୁଁ ଏହି ସମୟରେ ଏହି ଭାଇମାନଙ୍କୁ ପଚାରିବି, ଯେଉଁମାନଙ୍କୁ ଆହ୍ଵାନ କରାଯାଇଅଛି, ଯଦି ସେମାନେ କେବଳ ଗୋଟିଏ ମୁହୂର୍ତ୍ତକ ପାଇଁ ଆଗକୁ ଏଠାରେ ମଞ୍ଚ ଉପରକୁ ଆସିବେ କି । ଏବଂ ଯେତେବେଳେକି ଆମେମାନେ ପ୍ରାର୍ଥନା ନିମନ୍ତେ ଗୋଟିଏ ମୁହୂର୍ତ୍ତ ନିଜର ମସ୍ତକଗୁଡ଼ିକୁ ନତ କରୁ, ମୁଁ ଚାହେଁ ଯେ ସେମାନେ...ଏବଂ ମଣ୍ଡଳୀ ଜାଣେ ଯେ ଏହା କଅଣ ଅଟେ, ଯେ ଏହା ଆପଣଙ୍କର ଦୀକନ୍ ବୋର୍ଡ ଏବଂ ଆପଣଙ୍କର କୋଷାଧ୍ୟକ୍ଷର ଚୟନ କରାଯିବା ଅଟେ ।

22 ପ୍ରଭୁ ଯୀଶୁ, ଏହା ଗମ୍ଭୀର, ଈଶ୍ଵରୀୟ ଚିନ୍ତାଧାରା ସହିତରେ ଆମେମାନେ ବର୍ତ୍ତମାନ ତୁମ ପାଖକୁ ଆସୁଅଛୁ । ଆମେ ତୁମର ଅତି ପବିତ୍ର ବାକ୍ୟର ଆଦର ସହିତ ଆସୁଅଛୁ, ଆମେ ଏହା

ବିଶ୍ୱାସ କରି ଆସୁଅଛୁ ଯେ "ପ୍ରତ୍ୟେକ ମନୁଷ୍ୟର ବାକ୍ୟ ଭୁଲ ହେଉ, ମାତ୍ର ପରମେଶ୍ୱରଙ୍କର ସତ୍ୟ ହେଉ।" ଏବଂ ଆମେ ଏହି ମଣ୍ଡଳୀ ପାଇଁ ଆମେ ତୁମଠାରେ କୃତଜ୍ଞ ଅଟୁ ଯାହାକୁ ଯୀଶୁ ଆପଣା ନିଜର ବହୁମୂଲ୍ୟ ରକ୍ତରେ କ୍ରୟ କରିଅଛନ୍ତି, ଏବଂ ଉପାସନା କରିବା ପାଇଁ ଆମକୁ ଏହି ଭବନ ଦେଇଅଛନ୍ତି।

23 ଏବଂ ଏହି ମହାନ ପଲର ତଦାରଖକାରୀ ଭାବରେ, ଯାହା ଉପରେ ପବିତ୍ରଆତ୍ମା ଆମକୁ ନିଯୁକ୍ତ କରିଅଛନ୍ତି, ଆମେମାନେ ବର୍ତ୍ତମାନ ଏହି ମଣ୍ଡଳୀ ନିକଟରେ ମନୁଷ୍ୟମାନଙ୍କର ଏକ ବିଶ୍ୱସ୍ତ, ଧାର୍ମିକ ଦଳକୁ ଉପସ୍ଥାପନ କରିବାକୁ ଚେଷ୍ଟା କରୁଅଛୁ ଯାହାକୁ ଆମେମାନେ ବିଶ୍ୱାସ କରୁ ଯେ ସେମାନେ ଆତ୍ମାରେ-ପରିପୂର୍ଣ୍ଣ ଏବଂ କାର୍ଯ୍ୟାଳୟ ପାଇଁ ପ୍ରସ୍ତୁତ ଅଟନ୍ତି। ଯେପରିକି ଏହା ଥରେ ଦୀକନ୍ ବୋର୍ଡ ବିଷୟରେ କୁହାଯାଇଅଛି, "ଆପଣା ଆପଣା ଭିତରେ ଏପରି ଉତ୍ତମ ସାକ୍ଷ୍ୟ ରଖିଥିବା ଏବଂ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ପୁରୁଷମାନଙ୍କୁ ଖୋଜ, ଯେଉଁମାନେକି ଏହିପରି ଭାବରେ ସେବା କରିବେ, ବିଧବା ଓ ଅନାଥମାନଙ୍କର ଯତ୍ନ ନେବେ, ଧନରାଶୀ ବଣ୍ଟନ କରିବେ, ଏବଂ ମଣ୍ଡଳୀର କଲ୍ୟାଣ ପାଇଁ ଯତ୍ନବାନ ହେବେ।" ପରବର୍ତ୍ତୀ ବର୍ଷଗୁଡିକରେ, ଆମେମାନେ ସେହି ମହାନ, ଅନୁପ୍ରାଣିତ, ସାଧୁ ପାଉଲଙ୍କର ଲେଖାକୁ ଠିକ ପାଠ କରିଅଛୁ, ଯିଏକି ଏହିପରି ପଦଗୁଡ଼ିକର ଆବଶ୍ୟକତା ବିଷୟରେ ଶାସ୍ତ୍ରର ଘୋଷଣାଗୁଡିକୁ ଉପସ୍ଥାପିତ କରିଛନ୍ତି।

24 ହେ ପରମେଶ୍ୱର, ଏହି ବ୍ୟକ୍ତିମାନଙ୍କୁ ସମ୍ମାନ ପ୍ରଦାନ କର। ଏବଂ ହେ ପ୍ରଭୁ, ତେବେ ଏକ ସାର୍ବଭୌମ ମଣ୍ଡଳୀ ଭାବରେ, ପ୍ରଭୁ ଯୀଶୁଙ୍କ ଶରୀର ଭାବରେ, ଏହା ସେହି ଚୟନ ଅଟେ, ଯେ ସେମାନେ ସେହି ମନୋନୟନକୁ କରନ୍ତି। ଏବଂ...[ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।]...ଏବଂ ସେବାର ଏହି ଅଂଶକୁ ଏକ ବିଶେଷ ଉପାୟରେ ନିର୍ଦ୍ଦେଶ କରିବେ, ଯୀଶୁଙ୍କର ସେହି ଧାର୍ମିକ ଓ ପବିତ୍ର ନାମରେ।

25 ତେବେ ଆମର ମସ୍ତକଗୁଡିକ ନତ ଥିବା ବେଳେ, କେବଳ ଆମର ମସ୍ତକଗୁଡିକ ନୁହେଁ ବରଂ ଆମର ହୃଦୟଗୁଡିକ ମଧ୍ୟ, ଏବଂ ଏହି ମଣ୍ଡଳୀର ପ୍ରତ୍ୟେକ ସଦସ୍ୟ ଭାବରେ, ଯେଉଁମାନେକି ନିୟମିତ ଭାବରେ ଏଠାରେ ଆସନ୍ତି ଏବଂ ନିଜର ଦଶମାଂଶ ଏବଂ ନୈବେଦ୍ୟ ସହିତ ଏହାକୁ ସମର୍ଥନ କରନ୍ତି, ଯାହାଙ୍କୁ ଏହି ମଣ୍ଡଳୀର ଏକ ସଦସ୍ୟ ଭାବରେ ବିବେଚନା କରାଯାଏ, ଯେତେବେଳେକି ପାଳକ ଏବଂ ମୁଁ, ଏକାକୀ, ଦେଖୁଅଛୁ, ସହଯୋଗୀ ପାଳକ, ଭାଇ ନେୱିଲ୍, ଏବଂ ମୁଁ ଦେଖୁଅଛୁ, ମୁଁ ପଚାରିବି ଯଦି ଏହି ମଣ୍ଡଳୀ ନିଜର ସର୍ବୋତ୍ତମ ଚିନ୍ତାଧାରା ଦ୍ୱାରା, ଭାଇ ଟେଲରଙ୍କୁ ଜଣେ ଧାର୍ମିକ ବ୍ୟକ୍ତି ଏବଂ ଯୋଗ୍ୟ ବୋଲି ପାଆନ୍ତି କି, ଯେ ଲୋକମାନଙ୍କର ଏହି ଗୋଷ୍ଠୀ ଉପରେ ସେ ଦୀକନ୍ ହୁଅନ୍ତି? ଆପଣମାନେ ନିଜର ହାତ ଉତ୍ତୋଳନ କରିବା ହାତ ଦ୍ୱାରା ସେହି ବିଷୟର ସଙ୍କେତ ଦେବେ। [ଭାଇ ବ୍ରାନହାମ୍ ଅଟକି ଯାଆନ୍ତି—ସମ୍ପା।] ଠିକ୍ ଅଛି। ତେବେ ଯଦି ସେଠାରେ କିଛି ବିରୋଧାତ୍ମକ ବିଷୟ ଥାଏ, ତାହାହେଲେ କଅଣ ଆପଣମାନେ ନିଜର ହାତ ଉଠାଇବେ କି? [ଭାଇ ବ୍ରାନହାମ୍ ଅଟକି ଯାଆନ୍ତି।] ଧନ୍ୟବାଦ।

26 କଅଣ ଏଠାରେ ଥିବା ଏହି ମଣ୍ଡଳୀର କୌଣସି ବି ଏହି ସଦସ୍ୟ ଏପରି କିଛି ପାଆନ୍ତି କି...ଏବଂ ସମସ୍ତେ, କଅଣ ଆପଣମାନେ ଭାଇ ହୋଲିନ୍ ହିକର୍ସନ୍‌ଙ୍କୁ ଜଣେ ନ୍ୟାୟବାନ ତଥା ସମ୍ମାନଜନକ ବ୍ୟକ୍ତି ବୋଲି ପାଆନ୍ତି କି, ଏବଂ ଏପରି ଜଣେ ବ୍ୟକ୍ତି ଭାବରେ ଯିଏକି ଆପଣଙ୍କ ଦୃଷ୍ଟିରେ ଏହି ଉକ୍ତ ମଣ୍ଡଳୀର ଦୀକନ୍ ହେବାକୁ ଯୋଗ୍ୟ ଅଟନ୍ତି? କଅଣ ଆପଣମାନେ ନିଜର ଡାହାଣ ହାତ ଉଠାଇ ସଙ୍କେତ ଦେବେ କି? [ଭାଇ ବ୍ରାନହାମ୍ ଅଟକି ଯାଆନ୍ତି—ସମ୍ପା ।] ଯଦି ଏହାର କିଛି ବିରୋଧାତ୍ମକ ବିଷୟ ଥାଏ, ତେବେ ନିଜର ହାତ ଉଠାନ୍ତୁ । [ଭାଇ ବ୍ରାନହାମ୍ ଅଟକି ଯାଆନ୍ତି ।]

27 କଅଣ ଏହି ମଣ୍ଡଳୀ ଭାଇ କଲିନ୍ସଙ୍କୁ ସେହି ସମାନ ଭାବରେ, ଜଣେ ଧାର୍ମିକ ଓ ସମ୍ମାନଜନକ ବ୍ୟକ୍ତି ବୋଲି ପାଆନ୍ତି କି, ଏବଂ ଏହି ମଣ୍ଡଳୀର ଦୀକନ୍ ହେବାର କାର୍ଯ୍ୟ ପାଇଁ ଯୋଗ୍ୟ ବୋଲି ପାଆନ୍ତି କି? କଅଣ ଆପଣମାନେ ନିଜର ହାତ ଉଠାଇବେ କି? [ଭାଇ ବ୍ରାନହାମ୍ ଅଟକି ଯାଆନ୍ତି—ସମ୍ପା ।] ଠିକ୍ ଅଛି । ବିପରୀତ ପକ୍ଷେ ଯଦି କିଛି ଥାଏ, କଅଣ ଆପଣମାନେ ନିଜର ହାତ ଉଠାଇବେ କି? [ଭାଇ ବ୍ରାନହାମ୍ ଅଟକି ଯାଆନ୍ତି ।]

28 କଅଣ ଏହି ମଣ୍ଡଳୀ ଭାଇ ଟନି ଜାବେଲ୍‌ଙ୍କୁ ଜଣେ ସମ୍ମାନିତ ବ୍ୟକ୍ତି ଏବଂ ଏହି କାର୍ଯ୍ୟାଳୟର ଯୋଗ୍ୟ ବୋଲି ପାଆନ୍ତି କି, ଯେ ସେ ଏହି ଉକ୍ତ ମଣ୍ଡଳୀରେ ଏହି ପଲ ଉପରେ ଦୀକନ୍ ହେବେ? କଅଣ ଆପଣମାନେ ନିଜର ହାତ ଉଠାଇବେ କି? [ଭାଇ ବ୍ରାନହାମ୍ ଅଟକି ଯାଆନ୍ତି—ସମ୍ପା ।] ବିପରୀତ ପକ୍ଷେ ଯଦି କିଛି ଥାଏ, କଅଣ ଆପଣମାନେ ନିଜର ହାତ ଉଠାଇବେ କି? [ଭାଇ ବ୍ରାନହାମ୍ ଅଟକି ଯାଆନ୍ତି ।]

29 କଅଣ ଏହି ମଣ୍ଡଳୀ ଅନୁଭବ କରନ୍ତି ଯେ ଭାଇ ହାର୍ନେଡ୍ ଜଣେ ନ୍ୟାୟବାନ ଏବଂ ଧାର୍ମିକ ବ୍ୟକ୍ତି ଅଟନ୍ତି, ଯିଏକି କିଛି ସମୟ ହେବ ଆମ ସହିତରେ ରହିଆସିଛନ୍ତି, ଯେ ସେ ଏହି ମଣ୍ଡଳୀର ଆର୍ଥିକ ବିଷୟ ପରିଚାଳନା କରିବା ହେତୁ ଏବଂ ଏହାର ବିଲ୍ ପଇଠ କରିବା ହେତୁ, କୋଷାଧ୍ୟକ୍ଷ, ସଚିବ-କୋଷାଧ୍ୟକ୍ଷ ହୁଅନ୍ତି? ଯଦି ତାହା ଅଟେ, ତେବେ ନିଜର ଡାହାଣ ହାତ ଉଠାନ୍ତୁ । [ଭାଇ ବ୍ରାନହାମ୍ ଅଟକି ଯାଆନ୍ତି—ସମ୍ପା ।] ଯଦି କିଛି ବିରୋଧାତ୍ମକ ବିଷୟ ଥାଏ, ତେବେ ନିଜର ଡାହାଣ ହାତ ଉଠାନ୍ତୁ । [ଭାଇ ବ୍ରାନହାମ୍ ଅଟକି ଯାଆନ୍ତି ।]

30 ମୁଁ ଏହି—ଏହି ଭାଇମାନଙ୍କୁ କହିବାକୁ ଚାହେଁ ଯେଉଁମାନେକି ବର୍ତ୍ତମାନ ଏହି ସମୟରେ ଏହି କ୍ରୁଶର ପାଦଦେଶରେ, ଠିଆ ହୋଇଛନ୍ତି, ଯେ ଏହି ମଣ୍ଡଳୀ, ଶହେ ପ୍ରତିଶତ ସହିତ (ଆଦୌ କୌଣସି ବିରୋଧାତ୍ମକ ବିଷୟ ନାହିଁ), ଆପଣ ସମସ୍ତଙ୍କୁ ପରମେଶ୍ୱରଙ୍କ ଦୃଷ୍ଟିରେ ଏହି କାର୍ଯ୍ୟାଳୟ ପାଇଁ ଯୋଗ୍ୟ ବୋଲି ବିବେଚିତ କରିଅଛି ଯେଉଁଥି ପାଇଁ ପରମେଶ୍ୱର ଆପଣମାନଙ୍କୁ ଆହ୍ୱାନ କରିଅଛନ୍ତି ।

31 ବର୍ତ୍ତମାନ, ଆପଣମାନେ, ଯେପରି କୁହାଯାଇଛି, "ପ୍ରଥମେ ଏମାନଙ୍କୁ ପରୀକ୍ଷା କରାଯାଉ, ଏବଂ ଦେଖାଯାଉ ଯଦି ସେମାନେ ଏହି କାର୍ଯ୍ୟାଳୟକୁ ଚାହୁଁଛନ୍ତି କି ନାହିଁ ।" କିଛି ସପ୍ତାହ ମଧ୍ୟରେ, ପରମେଶ୍ୱର ଇଚ୍ଛା କଲେ, ମୁଁ ଏହି ପୁରୁଷମାନଙ୍କର ଗୋଷ୍ଠୀ ଉପରେ

ହାତ ରଖିବା ପାଇଁ ଫେରି ଆସିବି, ଯେ ସେମାନଙ୍କୁ ଆଧିକାରିକ ଭାବେ ଟ୍ରଷ୍ଟି-…କିମ୍ଵା ଏହି ମଣ୍ଡଳୀର ଦୀକନ୍, ଏବଂ କୋଷାଧ୍ୟକ୍ଷ କରାଯାଏ ।

ଆସନ୍ତୁ ଆମେମାନେ ଅଳ୍ପ କିଛି ସମୟ ନିଜର ମସ୍ତକଗୁଡିକୁ ନତ କରିବା:

32 ପ୍ରଭୁ, ଆଜି ରାତି ଆମେମାନେ ଖୁସି ଅଟୁ ଯେ ପୃଥିବୀରେ ଏବେ ମଧ୍ୟ ଏପରି ମନୁଷ୍ୟ ଅଛନ୍ତି ଯିଏକି ଜଗତ ସମ୍ମୁଖରେ ଈଶ୍ଵରୀୟ ସ୍ଵଭାବରେ ଗମନାଗମନ କରିପାରନ୍ତି; ଏତେ ଧାର୍ମିକ ଭାବରେ ଯେ ଏକ ଆରାଧନାଳୟ, ଅତ୍ୟଧିକ କଡା ନିୟମାବଳୀ ସହିତ ଏହି ମଣ୍ଡଳୀ ପରି, ପାଞ୍ଚ ଜଣ ପୁରୁଷଙ୍କୁ ସେମାନଙ୍କର ନେତା ଭାବରେ ପଦରେ ରହିବା ପାଇଁ ମତଦାନ କରିପାରନ୍ତି, ପୁଣି ତାହା ବିରୁଦ୍ଧରେ ଗୋଟିଏ ବି ମତ ନ ଥାଇ । ଆମେ ସେମାନଙ୍କ ପାଇଁ ଖୁସି ଅଟୁ, ଏବଂ ଆମେ ଅନୁଭବ କରୁ ଯେ ଏହି ନିଷ୍ପତ୍ତି ନେବାରେ ତୁମେ ଆମ ସହିତରେ, ବୋର୍ଡ ଏବଂ ଆମ ପାଳକମାନଙ୍କ ସହିତରେ ଥିଲ ।

33 ହେ ପରମେଶ୍ଵର, ଏହି ପୁରୁଷମାନଙ୍କୁ ଆଶୀର୍ବାଦ କର । ଏବଂ ଏହା ହେଉ ଯେ ସେମାନେ ଏହି କାର୍ଯ୍ୟାଳୟକୁ ସେମାନଙ୍କର ସମସ୍ତ ହୃଦୟ ସହିତରେ ସେବା କରନ୍ତୁ, ଏହା ଜାଣି ଯେ ଏହା ସେମାନଙ୍କ ପାଇଁ ସ୍ଵର୍ଗରେ ଏକ ବଡ଼ ଯୋଗ୍ୟତାକୁ କ୍ରୟ କରୁଅଛି । କୌଣସି ଦିନ ଯେତେବେଳେ ସ୍ଵର୍ଗର ସେହି ପୁସ୍ତକଗୁଡ଼ିକ ବନ୍ଦ ହେବ, ଏପରି ହେଉ ଯେ ସ୍ଵର୍ଗୀୟ ଜୀବମାନଙ୍କର ପୁସ୍ତକ ଏବଂ ସ୍ଵର୍ଗର ସେହି ମହାନ ପୁସ୍ତକଟି ଖୋଲା ହେଉ, ସେତେବେଳେ ସେମାନଙ୍କର ନାମଗୁଡିକ ଶତ ପ୍ରତିଶତ ପରମେଶ୍ଵର ଏବଂ ତ୍ରାଣକର୍ତ୍ତା ଓ ସମସ୍ତ ସ୍ଵର୍ଗୀୟ ସୈନ୍ୟବାହିନୀଙ୍କ ସମ୍ମୁଖରେ ରହୁ, ଆଉ ତାହାଙ୍କ ରାଜ୍ୟରେ ସେହି ସମାନ ଭାବରେ ରହିଥାଉ । ପ୍ରଭୁ, ସେମାନଙ୍କୁ ଆଶୀର୍ବାଦ କର, ଏବଂ ସେମାନେ ଏହି କାର୍ଯ୍ୟାଳୟକୁ ଉତ୍ତମ ଭାବରେ ନିର୍ବାହ କରନ୍ତୁ । ଯୀଶୁଙ୍କ ନାମରେ ଆମେ ସେମାନଙ୍କ ପାଇଁ ତୁମକୁ ଧନ୍ୟବାଦ ଦେଉଅଛୁ । ଆମେନ୍ ।

34 ମୁଁ କେବଳ ଆପଣମାନଙ୍କ ସହିତ ହାତ ମିଶାଇବାକୁ ଚାହେଁ, ଭାଇ ହାର୍ନେଡ୍, ଏବଂ ଭାଇ ଜାବେଲ୍, ଏବଂ ଭାଇ କଲିନ୍ସ, ଭାଇ ହିକର୍ସନ, ଏବଂ ଭାଇ ଟେଲର । ଏହା ଜାଣିବା ହେତୁ ବହୁତ ଖୁସି ଯେ ଆମେ ଏହି ସମସ୍ତ ସମୟରେ ଏପରି ସମ୍ମାନଜନକ ବ୍ୟକ୍ତିଙ୍କ ସହିତ ସହଭାଗୀତା କରିଅଛୁ । ପରମେଶ୍ଵର ବର୍ତ୍ତମାନ ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ । ଏବଂ ଆମେ ଆପଣମାନଙ୍କୁ ଅତି ଶୀଘ୍ର ଭେଟ କରିବା, ଯେତେବେଳେ ମୋତେ ଟିକିଏ ବିଶ୍ରାମ ମିଳେ, ତାହାପରେ ଫେରି ଆସିବି, ଓ ଦେଖିବି ଯେ ଆପଣଙ୍କୁ ନିଜର କାର୍ଯ୍ୟାଳୟ କିପରି ଲାଗିଲା । ଠିକ ଅଛି, ସେମାନଙ୍କ ମତଦାନ ଅନୁଯାୟୀ, ମୁଁ ଭାବୁଛି ଯେ ଶତ ପ୍ରତିଶତ ଥିଲା, ଆଦୌ କୌଣସି ବିରୋଧାତ୍ମକ ନ ଥିଲା ।

35 ଓଃ, କଅଣ ଆପଣ ଖୁସି ନୁହଁନ୍ତି ଯେ ଆପଣ ଆଜି ସେହି ଲୋକମାନଙ୍କ ସହିତ ଜଡିତ ହେଉଅଛନ୍ତି ଯେଉଁମାନେକି ପରମେଶ୍ଵରଙ୍କ ସମ୍ମୁଖରେ, ଈଶ୍ଵରୀୟ ସ୍ଵଭାବରେ ଜୀବନ ଯାପନ କରିପାରନ୍ତି, ଏବଂ ସେହି ଅବସ୍ଥାରେ ଏହି ବର୍ତ୍ତମାନ ଜଗତ ସମ୍ମୁଖରେ ରହିପାରନ୍ତି?

ଏହା ଏକ ଅଦ୍ଭୁତ ବିଷୟ ଅଟେ।

36 ଏବଂ ଆଜି ରାତି ମୁଁ ଏହା ଜାଣିବା ହେତୁ ବହୁତ ଖୁସି ଯେ ମୋ ପାଖରେ ଏହି ପୁରୁଷମାନଙ୍କୁ ଏବଂ ଏହି ମଣ୍ଡଳୀକୁ ମୋର ବନ୍ଧୁ ଭାବରେ ପାଇଥିବାର—ର ସେହି ସୌଭାଗ୍ୟ ରହିଛି। ମୁଁ ବହୁତ ଖୁସି ଯେ ପରମେଶ୍ୱର ମୋତେ ସମଗ୍ର ବିଶ୍ୱରେ ଥିବା ତାହାଙ୍କର ମଣ୍ଡଳୀ ସହିତ ଜଡିତ ହେବାକୁ ଦେଇଛନ୍ତି। ଓଃ, ସେମାନଙ୍କୁ ଘୃଣା କରାଯାଏ ଏବଂ ପ୍ରତ୍ୟାଖ୍ୟାନ କରାଯାଏ ଏବଂ ତାଙ୍କ ବିଷୟରେ ନାନାଦି କଥାବାର୍ତ୍ତା କରାଯାଏ, ଏବଂ ଯେପରି ମୁଁ ଆଜି ସକାଳେ ମୋ ବାର୍ତ୍ତାରେ କହିଲି, ବୋଧହୁଏ କେବଳ କାଦୁଅ ଚକଟୁଥିବା ଲୋକମାନେ ଅଟନ୍ତି, ଯେପରି ଭାବରେ ଜଗତ ସେମାନଙ୍କୁ ଦେଖିଥାଏ, ଯଥା "ଧର୍ମୋନ୍ମତ୍ତମାନଙ୍କର ଏକ ଦଳ," ମାତ୍ର ପରମେଶ୍ୱର ସେମାନଙ୍କୁ ତାହାଙ୍କର ସନ୍ତାନ ରୂପେ ଦେଖନ୍ତି। ମୁଁ ସେଥିପାଇଁ ବହୁତ ଖୁସି ଅଟେ। ସେମାନେ ହୁଏତ ଆପଣଙ୍କୁ ଏହା କହିପାରିବେ ନାହିଁ ଯେ ଏହା ଚନ୍ଦ୍ରକୁ ଯିବା କେତେ ମାଇଲ୍ ବାଟ। ସେମାନେ ହୁଏତ ଆପଣଙ୍କୁ ସମସ୍ତ ସୌର ଜଗତ ଏବଂ ଏହା କିପରି କାର୍ଯ୍ୟକାରୀ ହୋଇଥାଏ ତାହା ଜଣାଇବାକୁ ସମର୍ଥ ନୁହଁନ୍ତି। ମାତ୍ର ସେଠାରେ ଗୋଟିଏ ବିଷୟ ଅଛି ଯାହା ସେମାନେ ଜାଣନ୍ତି, ସେମାନେ ସେହି ଘଟିକାକୁ ଜାଣନ୍ତି ଯେତେବେଳେ ସେମାନେ ନୂତନ ଜନ୍ମ ହୋଇଥିଲେ। ମୁଁ ସେମାନଙ୍କ ପାଇଁ ବହୁତ ଖୁସି ଅଟେ।

37 ଏବଂ ଗୋଟିଏ ଛୋଟ ଦୃଷ୍ଟାନ୍ତ ଭାବରେ ଯାହା ମୁଁ ଶିଖିଲି, ଏବଂ ମୁଁ ଏହାକୁ ଆଜି ରାତିରେ ମୋର ଦୁଇଟି ସାନ ଝିଅଙ୍କ ସହିତ ଯୋଡିବାକୁ ଯାଉଅଛି ଯେପରିକି ଏହା ଆମ ସହିତ ଘରକୁ ଆସିବା ପରି ହୁଏ, ଯେ ଏହା ଆମ ପାଇଁ ବାସ୍ତବିକ କରାଯାଏ, ଯେପରିକି ଆପଣ ଏହାର ଅର୍ଥକୁ ବୁଝିଯାଆନ୍ତି। ଦିନେ ସକାଳେ, ବିଛଣାରୁ ଉଠିବା ବେଳେ...ମୋର ଦୁଇଟି ସାନ ଝିଅ ଅଛନ୍ତି। ସେମାନଙ୍କ ମଧ୍ୟରୁ ଗୋଟିଏ ହେଉଛି ରେବିକା, ଏବଂ ସେମାନଙ୍କ ମଧ୍ୟରୁ ଅନ୍ୟଟି ହେଉଛି ସାରା, ଏବଂ ସେମାନେ ବାପାଙ୍କ ସାନ ଗେଲ୍ହା ଝିଅମାନେ ଅଟନ୍ତି।

38 ଏବଂ ମୋର ଗୋଟିଏ ସାନ ପୁଅ ଅଛି, ଯୋଷେଫ। ଗୋଟିଏ ରାତି ମୁଁ ଚାଟାନୋଗାରୁ, ସଭା ସମାପ୍ତ କରି ଆସୁଥିଲି, ଯେତେବେଳେକି ମୁଁ ସେଠାରେ ଏହି ବିଗତ ଅଭିଯାନରେ ଥିଲି। ଏବଂ ମୁଁ ସେହି—ସେହି କାରରେ, ମୋର ବଡ ପୁଅ, ବିଲି ସହିତ ସଙ୍ଗରେ ଯାଉଥିଲି। ତାଙ୍କ ପତ୍ନୀ ଏବଂ ମେଡା ଓ ଝିଅମାନେ, କାରରେ ଥିଲେ। ଏବଂ ଯେତେବେଳେ ଆମେମାନେ ଚାଲି ଯାଉଥିଲୁ, ଅନେକ ବାଟ ହେବ କେହି ହେଲେ କିଛି କହିଲେ ନାହିଁ। ଏବଂ ମୁଁ ସେହି ରାତିରେ ଲୋକମାନଙ୍କ ଉପରେ ସେହି ବିଷୟକୁ ନେଇ ବହୁତ କଡା ପ୍ରଚାର କରିଥିଲି ଯେପରି ଭାବରେ ସେମାନେ ଆଚରଣ କରୁଥିଲେ। ଏବଂ କେହି ହେଲେ କିଛି କହିଲେ ନାହିଁ। ଏବଂ ସାନ ଯୋଷେଫ ଆସି ମୋତେ କାନ୍ଧରେ ଧରି, କହିଲା, "ବାପା, ତୁମେ ନିଶ୍ଚିତରେ ଆଜି ରାତି ପ୍ରଚାର କଲ!"

39 ଏବଂ ଆଜି ସକାଳେ, ଯେତେବେଳେ ମୁଁ ଘର ଛାଡ଼ି ଏଇଟୁ ଏବଂ ଟେଞ୍ଚ ଷ୍ଟ୍ରୀଟ୍ କୁ

ଯାଉଥିଲି, ସେହି...କିମ୍ବା ପେନ୍ ଏବଂ ଟେଣ୍ଟକୁ, ବରଂ, କେହି ହେଲେ କିଛି କହିଲେ ନାହିଁ, ପତ୍ନୀ ଏବଂ ଦୁଇ ଝିଅମାନେ । ଏବଂ ସାନ ଯୋଷେଫ ପୁଣିଥରେ ମୋ କାନ୍ଧକୁ ଧରି ପକାଇଲା, ସେ କହିଲା, "ବାପା, ତାହା, ମୁଁ ନିଶ୍ଚିତରେ ଆଜି ସକାଳର ସେହି ପ୍ରଚାରକୁ ପସନ୍ଦ କରିଛି," ସେ କହିଲା ।

ମୁଁ କହିଲି, "ତେବେ, ମୁଁ ଗୋଟିଏ ପ୍ରଶଂସକ ପାଇଲି, ତାହା ମୋର ପୁଅ ଅଟେ ।"

40 ଏବଂ ଆମର ଛୋଟ କଥାକୁ । ଦିନେ ସକାଳେ, କୋଠରୀରେ ବସିଥାଏ, ଛୋଟ ବେକୀ ଦୌଡ଼ି ଆସିଲା ଏବଂ, କହିଲା, ସେ ମୋ ଗୋଡ ଉପରେ ବସି ପଡିଲା ଏବଂ ତାର ବାହୁକୁ ମୋ ଚାରିପାଖରେ ଥୋଇଦେଲା, ଏବଂ ସେ ବାପାଙ୍କର ସାନ ଗେଲ୍ହା ଝିଅ ଅଟେ । ଏବଂ ସେ ମୋତେ ଆଲିଙ୍ଗନ କରୁଥିଲା । ଏବଂ ସାନ ସାରା ନିଜ ଛୋଟ ପାଇଜାମା ସହିତ ବିଛଣାରୁ ଡେଇଁ ପଡିଲା ଏବଂ ପରବର୍ତ୍ତୀରେ, କହିବାକୁ ଗଲେ, ଦୌଡି ଆସିଲା । ସେ ସେହି ସାନ ବାଦାମୀ-ଆଖିଆ ଜଣ ।

41 ସାନ ବେକୀ କହିଲା, "ଓଃ, ସାରା, ତୁମର ଆସିବାର କୌଣସି ଆବଶ୍ୟକତା ନାହିଁ, କାରଣ ମୁଁ ନିଜେ ସମସ୍ତ ବାପାଙ୍କୁ ନେଇଅଛି । ବାପା ସମସ୍ତକିଛି ମୋର ଅଟନ୍ତି!" ଏବଂ ସାନ ସାରା, ତାର ଛୋଟ ଓଠ ମଉଳି ଗଲା, ତାର ଛୋଟ ବାଦାମୀ ଆଖିଗୁଡିକ ଝାଉଁଳି ଗଲା । ମୁଁ *ଏହି*ପରି ଭାବରେ ଇଶାରା କଲି ଏବଂ ଅନ୍ୟ ଆଣ୍ଠୁଟିକୁ ବାହାର କରିଦେଲି, ଏବଂ ସେ ଆସି ତାହା ଉପରେ ବସି ପଡିଲା ।

42 ବେକୀର ଗୋଡଗୁଡିକ ଲମ୍ବା ଅଛି, ତେଣୁ ସେଗୁଡିକ ଭୂଇଁରେ ପହଞ୍ଚୁଥିଲା । ସାନ ସାରା ତ ଚାରି ଗୋଡରେ ଚାଲୁଥିଲା, ତେଣୁ ମୁଁ ସାରାର ଚାରିଆଡେ ନିଜର ଦୁଇ ବାହୁକୁ ରଖିଦେଲି । ସାନ ସାରା ବେକୀ ଆଡକୁ ଚାହିଁ କହିଲା, "ବେକୀ, ତୋ ପାଖରେ ସମସ୍ତ ବାପା ଥାଇପାରନ୍ତି, ମାତ୍ର ବାପା ମୋର ସମସ୍ତ କିଛି ପାଇଛନ୍ତି!"

43 ଏବଂ ମୁଁ ଭାବୁଛି ଯେ ଏହା ଏଠାରେ ଠିକ ସେହିପରି ଅଟେ । ଆମେ ହୁଏତ ସମସ୍ତ ଈଶ୍ୱରତତ୍ତ୍ୱ ଜ୍ଞାନ ଏବଂ ସମସ୍ତ ମହାନ ଗ୍ରୀକ୍ ଶବ୍ଦଗୁଡିକ ନ ଜାଣି ଥାଇପାରୁ, ଲୋକମାନଙ୍କର ଏହି ଗୋଷ୍ଠୀ ହୁଏତ ନ ଜାଣି ଥାଇପାରନ୍ତି । ମାତ୍ର ଗୋଟିଏ କଥା ନିଶ୍ଚିତ ଅଟେ, ମୁଁ ବିଶ୍ୱାସ କରେ ଯେ ଯୀଶୁ *ଆମ*ର ସମସ୍ତକିଛି ପାଇଛନ୍ତି । ଆମେନ୍ ।

ଠିକ୍ ଅଛି, ଭାଇ ନେଭିଲ୍ ।

58-0720E ସେବକମାନଙ୍କର ସ୍ଥାପନ କରାଯିବା

ବ୍ରାନ୍‌ହାମ୍ ଟାବର୍ନେକଲ

ଜେଫର୍ସନ୍‌ଭିଲେ, ଇଣ୍ଡିୟାନା ୟୁ.ଏସ୍.ଏ.

ORIYA

©2025 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org

## ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ବା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।

ଅଧିକ ସୂଚନା ନିମନ୍ତେ କିମ୍ବା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org